ISSN -2583-147X(P), Vol.- 8, Issue No. VI, September 2022
**Bastabatara Pariprakash Prachee**
***Peer Reviewed and Referred Research Journal***

# ସମ୍ବାଦ କ'ଣ ଓ କାହିଁକି

**ତ୍ରିଲୋଚନ ଜେନା**

ପ୍ରଗତିଶୀଳ ବିଶ୍ୱରେ ସମ୍ବାଦପତ୍ରକୁ ଚତୁର୍ଥସ୍ତମ୍ଭର ମାନ୍ୟତା ପ୍ରଦାନ କରାଯାଇଛି । ବିଶ୍ୱର ସାଂପ୍ରତିକ ସ୍ଥିତି; ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ରାଜନୈତିକ ବିଷୟରେ ଜାଣିବାର ଏହା ହେଉଛି ଏକ ମ୍ମମ । ମ୍ମମଟି ପୁଣି ଶ୍ରେଷ୍ଠ । ସର୍ବୋତ୍କୃଷ୍ଟ । ଜନ ଜାଗରଣର ଉତ୍ସ । ସମାଜର ମୁଖପତ୍ର ମ୍ମ । ସାଧାରଣ ଜନତାର ହୃତ୍‌ପିଣ୍ଡ ରୂପେ ସମ୍ବାଦପତ୍ର ପରିଗଣିତ । ଇଲେକ୍ଟ୍ରୋନିକ୍ସ ଗଣମ୍ମମର ଦ୍ରୁତ ପ୍ରଚାର ଓ ପ୍ରସାର ଘଟୁଥିଲେ ମ୍ମ ସକାଳୁ ଖବରକାଗଜର ପୃଷ୍ଠା ଆଖିରେ ନପଡ଼ିଲେ ସାରାଦିନ ସମ୍ପୂର୍ଣ୍ଣ ହୋଇପାରେନାହିଁ । ସେଥିପାଇଁ ସମ୍ବାଦପତ୍ର ସ୍ୱତନ୍ତ୍ର । ଇଲେକ୍ଟ୍ରୋନିକ୍ସ ଗଣମ୍ମମର ଦ୍ରୁତପ୍ରସାର ଘଟୁଥିଲେ ମ୍ମ ଆଜିବି ସମ୍ବାଦପତ୍ର ଜନପ୍ରିୟତାର ଶୀର୍ଷରେ । ପୂର୍ବାପେକ୍ଷା ପାଠକ ସଂଖ୍ୟାରେ ଅଭିବୃଦ୍ଧି ଘଟିଛି । 'ସମ୍ବାଦପତ୍ର' କେବଳ ଏକ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ସୀମିତ ପରିସର ମ୍ମରେ ସୀମାବଦ୍ଧ ହୋଇ ରହିନାହିଁ । ସମ୍ବାଦପତ୍ରର ବିବିଧ ବିଭାଗ ଏହାର ବ୍ୟାପକ ପରିସରର ମୁଖ୍ୟ ହେତୁ । ବୁଝାଇ କହିଲେ; ସମ୍ବାଦ ପରିବେଷଣ ସହ ମନୋରଂଜନ, ସାହିତ୍ୟ, ଦର୍ଶନ, ଧର୍ମ, ବିଜ୍ଞାନ ଯୋଡ଼ି ହୋଇଯାଇଛି । ସମ୍ବାଦପତ୍ର ଉପରେ ଅ୍ମୟନ ଓ ଗବେଷଣା ମ୍ମ ଆରମ୍ଭ ହୋଇଛି । ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ସ୍ଥାନ ପାଇଛି । ଶିକ୍ଷା ବ୍ୟବସ୍ଥା ସହ ସାମ୍ବାଦିକତା ପାଠ୍ୟକ୍ରମ ଯୋଡ଼ିହେବା ପରେ ଏହାର ଲୋକପ୍ରିୟତା ବଢ଼ିଛି । ସମ୍ପ୍ରତି ଗବେଷଣାର ବିବିଧ ମାର୍ଗ ମ୍ମ ଉନ୍ମୁକ୍ତ ହୋଇଛି ।

ସମ୍ବାଦର ଇତିହାସ ପ୍ରାଚୀନ । ଭାରତରେ ରାମାୟଣ ଓ ମହାଭାରତରେ ଯଥାକ୍ରମେ ନାରଦ ଏବଂ ସଞ୍ଜୟଙ୍କ ଭୂମିକାକୁ ଦେଖିଲେ ପ୍ରାଚୀନ ପୁରାଣ କାଳରେ ସମ୍ବାଦର ଏକ ବିଧିବଦ୍ଧ ବ୍ୟବସ୍ଥା ଥିଲା ବୋଲି ଅବଲୋକନ କରାଯାଇପାରେ । ରାଜତନ୍ତ୍ର ଶାସନ ବ୍ୟବସ୍ଥାରେ ରାଜାଙ୍କ ଦ୍ୱାରା ନିଯୁକ୍ତ ଗୁପ୍ତଚରମାନେ ସମ୍ବାଦ ସଂଗ୍ରହ କରି ରାଜାଙ୍କୁ ଦେଉଥିଲେ । ଅଶୋକଙ୍କ ସମୟରେ ଏହା ଅଧିକ ସକ୍ରିୟ ଥିଲା । ଓଡିଶାରେ ସମ୍ରାଟ୍ ଖାରବେଳଙ୍କ ସମୟରେ ଏ ଗୁପ୍ତଚର ବିଭାଗ ଶକ୍ତିଶାଳୀ ଥିବା ଖଣ୍ଡଗିରି ଗୁମ୍ଫାରେ ଅଙ୍କିତ ଚିତ୍ରରୁ ଜଣାପଡ଼େ । ସେହିପରି କୋଣାର୍କ, ଲିଙ୍ଗରାଜ, ମୁକ୍ତେଶ୍ୱର ଆଦି ମନ୍ଦିରରେ ଅଙ୍କିତ ବିଭିନ୍ନ ଚିତ୍ର ଏହାର ସାକ୍ଷ୍ୟ ବହନ କରେ । ପାରା ମ୍ମମରେ ମ୍ମ ସମ୍ବାଦ ପ୍ରେରଣ କରାଯିବାର ନଜିର  ରହିଛି । ରାଜାମାନଙ୍କ ଦ୍ୱାରା ରାଜ୍ୟର ନିୟମାବଳୀ ତଥା କର, ଖଜଣା ଇତ୍ୟାଦି ଲୋକାଭିମୁଖୀ କରିବାପାଇଁ ଡେଙ୍ଗୁରା ଦ୍ୱାରା ଲୋକମାନଙ୍କୁ ଏକତ୍ରିତ କରାଯାଉଥିଲା । ଏକ ବାଉଁଶ ନଳି ସାହାଯ୍ୟରେ ରାଜାଙ୍କ ଘୋଷଣା ଲୋକଙ୍କୁ ଜଣାଇ ଦିଆଯାଉଥିଲା ।

ଭିନିସିଆନ ପରିବ୍ରାଜକ ନିକୋଲ ମାନୁସେଟ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଦରବାରରେ ରହି ତତ୍କାଳୀନ ଗୁପ୍ତଚର ସଂସ୍ଥା 'ଉଆକୁଇହାନବିସ'ମାନଙ୍କ କଥା ଉଲ୍ଲେଖ କରିଛନ୍ତି । ରାଜା ସେମାନଙ୍କୁ ନିଯୁକ୍ତି ଦେଉଥିଲେ । ପ୍ରତ୍ୟେକ ସପ୍ତାହରେ ଦେଶର ସଂଗୃହୀତ ସମ୍ବାଦକୁ 'ଉଆକୁଇ'ରେ ଲିପିବଦ୍ଧ କରୁଥିଲେ । ଏହାକୁ ଆଧୁନିକ ସମୟର 'ଗେଜେଟ' ବୋଲି କୁହାଯାଇପାରିବ । ପ୍ରତ୍ୟେକ ଦିନ ଅନ୍ତଃପୁରର ଜଣେ ମହିଳା ରାଜାଙ୍କୁ ଏହି ସମ୍ବାଦ ସବୁ ପଢି ଶୁଣାଉଥିଲେ । ଏହା ଦ୍ୱାରା ସମ୍ରାଟ ମଧ୍ୟ ଦେଶର ଅବସ୍ଥା ଓ ଘଟଣାବଳୀ ସଂପର୍କରେ ଅବଗତ ହୋଇପାରୁଥିଲେ । ପରବର୍ତ୍ତୀ କାଳରେ ତାଳପତ୍ରରେ ଓ ତାମ୍ରଫଳକ ଆଦିରେ ଏ ସବୁ ପ୍ରକାଶ ପାଇଲା । କାଗଜର ଉଦ୍ଭାବନ ପ୍ରଣାଳୀ ପରେ ଖବର କାଗଜରେ ହାତଲେଖା ପ୍ରକାଶ ପାଉଥିଲା । ସମ୍ପ୍ରତି କାଗଜ ଓ ମେସିନ୍‌ର ଉଦ୍ଭାବନ ଫଳରେ ସମ୍ବାଦର ଚାହିଦା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି ।

ବର୍ତ୍ତମାନ ସମୟରେ ସମ୍ବାଦ ଉଭୟେ ସାମାଜିକ ଓ ବ୍ୟକ୍ତିଗତ ହୋଇଉଠିଛି । ଯେଉଁ ବ୍ୟକ୍ତି ପାଖରେ ଯେତେ ଅଧିକ ତଥ୍ୟ ଅଛି, ସେ ସେତେ ଶକ୍ତିଶାଳୀ ଓ ବିଶିଷ୍ଟ । ତେଣୁ ଆଜିର ସମୟ ଗଣମ୍ମମର ସମୟ । ସମାଜ ସହ ତାଳଦେଇ ଅଧୁନା ଏହା ଗତି କରିବାରେ ଲାଗିଛି । ସମୟ ଯେତିକି ଆଧୁନିକ ହୋଇଚାଲିଛି, ଗଣମ୍ମମ ମ୍ମ ସେତିକି ନୂଆ ନୂଆ ରୂପରେ ଆଧୁନିକତାକୁ ସ୍ୱୀକାର କରୁଛି । ଏହା ସାମାଜିକ ସ୍ତରରୁ ବର୍ତ୍ତମାନ ବ୍ୟକ୍ତିଗତ ସ୍ତରକୁ ପ୍ରବେଶ କରି ଦୁନିଆର କୋଣଅନୁକୋଣକୁ ପ୍ରସାରିତ ହୋଇଛି । ଏକ ସେକେଣ୍ଡରୁ କମ ସମୟରେ ବି ସାରା ଦୁନିଆରେ ଗୋଟିଏ ସମ୍ବାଦ ହଇଚଇ ସୃଷ୍ଟି କରିଦେଉଛି । ସମ୍ବାଦର ଗତି ବା ପ୍ରସାର ଏତେ ମାତ୍ରାରେ ହେଉଛି ଯେ ସେ ବ୍ୟକ୍ତିଗତ ହେଉ କି ସାମାଜିକ ସବୁଠି ନିଜର ପ୍ରଭାବ ବିସ୍ତାର କରୁଛି ।

ଅନେକ ଲୋକ ତତ୍‌କ୍ଷଣାତ୍ ଲୋକପ୍ରିୟତା ଅର୍ଜନ କରିବାକୁ ଚାହାନ୍ତି, ବିଶ୍ୱବ୍ରହ୍ମାଣ୍ଡର ଖବର ହାତପାହାନ୍ତାରେ ପାଇବାକୁ ଉଦ୍ୟତ ହୁଅନ୍ତି ଓ ସ'ଳ ବି ହୁଅନ୍ତି । ଟିଭି, ରେଡ଼ିଓ, ଖବରକାଗଜ,

ପୁସ୍ତକ ଓ ଚଳଚିତ୍ର ଆଦି ସମ୍ପ୍ରତି ପୁରୁଣା ହୋଇଗଲାଣି । ୱେବ୍ ନିୟୁଜ, ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍ସଅପ, ଫେସବୁକ୍, ଟୁଇଟର, ୟୁଟୁବ୍, ଟେଲିଗ୍ରାମ, ନେଟ୍‌ଫ୍ଲେକ୍ସ ଆଦିର ପ୍ରଂଶସାକୁ ଦୂରେଇ ଦିଆଯାଇପାରିବ ନାହିଁ । ସଂପ୍ରତି ବାସ୍ତବ ଅବାସ୍ତବ ଆଦିକୁ କଳ୍ପନା ଦ୍ୱାରା ଅତିରଂଜିତ କରି ଏପରି ପ୍ରୟୋଗ କରାଯାଉଛି ଯେ କେଉଁଟି ଠିକ୍ କେଉଁଟି ଭୁଲ୍ ତାହା ଜାଣିବା ଅସମ୍ଭବ ହୋଇପଡୁଛି । ମାତ୍ର ଏହା ସଂପର୍କରେ ଅଧିକନ୍ତୁ ସଫଳତା ଲାଭ କରେ ଗଣମାଧ୍ୟମ ବା ସମ୍ବାଦ ପରିବେଷଣକାରୀ ସଂସ୍ଥା । ଲୋକଙ୍କ ଧାରଣାରେ ପରିବର୍ତ୍ତନ କରିବାକୁ ଗଲେ ଏହାଠାରୁ ବଡ଼ ଅସ୍ତ୍ର ଆଉ କିଛି ନାହିଁ । ସେଥିପାଇଁ ସମ୍ବାଦ ହିଁ ସମାଜର ପରିବର୍ତ୍ତନରେ ପ୍ରମୁଖ ସହାୟକ । ଏହାକୁ ନିର୍ବିବାଦରେ ସ୍ୱୀକାର କରିବା । ସୁସ୍ଥ ସମାଜ ବ୍ୟବସ୍ଥା ପାଇଁ ସମ୍ବାଦପତ୍ର ମାର୍ଗଦର୍ଶକର ଭୂମିକା ଗ୍ରହଣ କରିବା ଉଚିତ୍ ।

ତେବେ ସମ୍ବାଦ କହିଲେ କଣ ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ମଣିଷର ଚତୁଃପାର୍ଶ୍ୱରେ କ'ଣ ସବୁ ଘଟୁଛି ତାହା ଜାଣିବା ଏବଂ ବୁଝିବା ପାଇଁ ତା ମନରେ ଅସୀମ କୌତୁହଳ ସୃଷ୍ଟି ହୋଇଥାଏ । ଏଥି ସମ୍ପର୍କରେ ସେ ସର୍ବଦା ଜାଣିବାକୁ ଆଗ୍ରହୀ ହୁଏ ଯେ, ଏହା କାହିଁକି ଏବଂ କିପରି ଘଟିଲା, ଏହି ଘଟଣା ପାଇଁ ଦାୟୀ କିଏ, କିଏ ଏଥିପ୍ରତି ପ୍ରଭାବିତ ହେଉଛି, ଭବିଷ୍ୟତରେ ଘଟଣାର ପ୍ରତିକାର କଣ ? ଏହି ସମସ୍ତ ବିନ୍ଦୁଗୁଡ଼ିକର ସବିଶେଷ ତଥ୍ୟକୁ ଏକତ୍ର କରି କିଛି ମୂଲ୍ୟବାନ ତଥା ଉପଯୋଗୀ ତଥ୍ୟ ଉତ୍ପନ୍ନ ହୁଏ । ଯାହାକୁ 'ନିଉଜ' ବା 'ସମ୍ବାଦ' ବା 'ଖବର' ବୋଲି କୁହାଯାଏ । ତେଣୁ ସମ୍ବାଦ ହେଉଛି ସାମ୍ପ୍ରତିକ ଘଟଣାର ଏକ ରିପୋର୍ଟ । ଏହା ଏପରି କିଛି ବିଷୟରେ ସୂଚନା ଦିଏ ଯାହାକି ବର୍ତ୍ତମାନ ଘଟିଛି ବା ଶୀଘ୍ର ଘଟିବ । ତେଣୁ ଖବରକାଗଜ, ଟେଲିଭିଜନ୍, ରେଡ଼ିଓ ଓ ଇଣ୍ଟରନେଟ୍‌ରେ ସମ୍ବାଦ ହେଉଛି ଏକ ରିପୋର୍ଟ ।

ଏହି 'ସମ୍ବାଦ' ଶବ୍ଦଟି 'ବଦ୍'(କହିବା ଅର୍ଥରେ) ଧାତୁରେ 'ସମ୍' ଉପସର୍ଗ ଓ 'ଅ' ପ୍ରତ୍ୟୟ ଯୋଗରେ ହୋଇଛି । ଯାହାର ଅର୍ଥ ହେଉଛି ଖବର, ସମାଚାର ଓ ବାର୍ତ୍ତା । ସମ୍ବାଦକୁ ବ୍ୟାଖ୍ୟା କରିବା ଏକ କଠିନ ବ୍ୟାପାର । ତଥାପି ସମ୍ବାଦରେ ଏପରି କିଛି ଗୁଣ ରହିଥାଏ ଯାହା ପାଠକ, ଶ୍ରୋତା ଏବଂ ଦର୍ଶକଙ୍କୁ ବିସ୍ମିତ କରେ । ଅଧିକାଂଶ ଅଭିଧାନଗୁଡ଼ିକରେ 'ସମ୍ବାଦ'କୁ ଏକ ସାମ୍ପ୍ରତିକ ଘଟଣାର ଥଳି ରୂପେ ବିବେଚନା କରାଯାଇଛି । ଯାହାକି ପୂର୍ବରୁ କାହାକୁ ଜଣାନଥାଏ । ନିମ୍ନରେ ପଣ୍ଡିତମାନଙ୍କ ଦ୍ୱାରା ସମ୍ବାଦର ବିଭିନ୍ନ ସଂଜ୍ଞା ପ୍ରଦାନ କରାଗଲା ।

- Random House Dictionary of English Languageରେ 'ସମ୍ବାଦ'ର ଅର୍ଥ ହେଉଛି ଏକ ଘଟଣାର ରିପୋର୍ଟ; ଜ୍ଞାନ ଏବଂ ସୂଚନା ।[୧]
- The Oxford Dictionaryରେ ସମ୍ବାଦର ଅର୍ଥ ହେଉଛି– News is the report of recent events, oroccurrences brought or coming to one as new information; new occurrences as a subject of report or talk.[୨]
- ୱାସିଂଟନ୍ ବିଶ୍ୱବିଦ୍ୟାଳୟର ସାମ୍ବାଦିକତାର ପ୍ରଫେସର ଓ ଡିନ୍ ଏମ୍. ଲିଲେ ପେନ୍‌ସିରିଜ୍ ସମ୍ବାଦର ସଜ୍ଞାଦେବାକୁ ଯାଇ କହିଛନ୍ତି"ଯେକୌଣସି ନୂତନ ଘଟଣା, ନୂତନ ବିଚାର ଏବଂ ନୂତନ ଅଭିମତ କିମ୍ବା ଉଦ୍ଭାବନର ତତ୍କାଳିକ ଗୁରୁତ୍ୱ ଥିଲେ ତାହା ସମ୍ବାଦ ହୁଏ; ମାତ୍ର ଏହା ଜାଣିବା ପାଇଁ ପାଠକଙ୍କର ଆଗ୍ରହ ଥିବା ଦରକାର । ଏହାର ଭାଷା ଓ ବିଷୟବସ୍ତୁ ସେମାନଙ୍କର ବୋଧଗମ୍ୟ ହେବ ବୋଲି ସାମ୍ବାଦିକଙ୍କର ବିଶ୍ୱାସ ହେଲେ, ତାହା ସମ୍ବାଦ ଆକାରରେ ସେ ପଠାଇବା ଉଚିତ ।"[୩]
- 'ନିଉୟର୍କ ଟାଇମପାସ୍'ର ପରିଚାଳନା ସମ୍ପାଦକ ଟର୍ନର କାଟଲେଜ୍ କୁହନ୍ତି– "ଯାହା ତୁମେ ଗତ କାଲି ଜାଣିନଥିଲ ଏବଂ ଆଜି ହଠାତ୍ ଜାଣିଲ, ତାହା ତୁମ ପାଇଁ ସମ୍ବାଦ ।"[୪]
- ୱାଲଟର ଉଇଲିୟମ ହେଉଛନ୍ତି ବିଶ୍ୱର ପ୍ରଥମ ସାମ୍ବାଦିକତା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା । ଏ କ୍ଷେତ୍ରରେ ତାଙ୍କ ମତଟି ବେଶ୍ ଗୁରତ୍ୱପୂର୍ଣ୍ଣ– "ପାଠକର ଆଗ୍ରହ ଓ ରୁଚିଥିବା ଯେକୌଣସି ବିଷୟ ସମ୍ବାଦ ପର୍ଯ୍ୟାୟଭୁକ୍ତ ହୋଇପାରେ । ଅନ୍ୟ ଭାଷାରେ କହିବାକୁ ଗଲେ–ଯେ କୌଣସି ଘଟଣା, ବିଷୟ, ତଥ୍ୟ, ମତାମତ ଇତ୍ୟାଦିର ସମସ୍ତ ମୁତାବକ ବର୍ଣ୍ଣନା ଯାହା ବହୁ ଲୋକଙ୍କୁ ଆଗ୍ରହୀ କରିପାରୁଥିବ । ତାକୁ ଆମେ ସମ୍ବାଦ କହିପାରିବା ।"[୫]
- 'ସମ୍ବାଦ'ସମ୍ପର୍କରେ ଚାର୍ଲସ ଦାନା ('ଦି ସନ୍'ର ସମ୍ପାଦକ)ଙ୍କ ମତରେ –"କୁକୁର ମଣିଷକୁ କାମୁଡ଼ିଲେ ସମ୍ବାଦ ହୁଏ ନାହିଁ, ମାତ୍ର ସମାଜର କୌଣସି ପ୍ରତିଷ୍ଠିତ ବ୍ୟକ୍ତି କୁକୁର କାମୁଡ଼ାରେ ଆହତ ହେଲେ ତାହା ସମ୍ବାଦ ହୁଏ । କୌଣସି ଗଣ୍ଡଗୋଳ ସୃଷ୍ଟି ଉଦ୍ଦେଶ୍ୟରେ କିମ୍ବା ରୋଗ ସଂକ୍ରମିତ କରିବା ପାଇଁ କୁକୁରକୁ କେହି ବ୍ୟକ୍ତି ଅସାଧୁ ଉଦ୍ଦେଶ୍ୟରେ ବ୍ୟବହାର କରିଥିଲେ, ଏହାର ପ୍ରତିକ୍ରିୟା ଗୁରୁତର ହେବାର ଆଶଙ୍କାରେ ଥାଏ ।ଏହା ସମ୍ବାଦ ହୋଇପାରିବ ଯଦି ଏହାର ପ୍ରତିକ୍ରିୟା ଗୁରୁତର ହେବାର ବାସ୍ତବ ଆଶଙ୍କା ଥାଏ । ପ୍ରତ୍ୟହ ବହୁ ଲୋକଙ୍କ ମୃତ୍ୟୁ ହୁଏ, ଜନ୍ମ ହୁଏ । ମାତ୍ର ସମସ୍ତେ ସମ୍ବାଦର ପରିସରକୁ ଆସନ୍ତି ନାହିଁ । ବହୁ ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଏ ସମ୍ପର୍କିତ ସମସ୍ତ ତଥ୍ୟ ସମ୍ବାଦ ହୋଇପାରିବ । କାରଣ ସେହି ଲୋକମାନଙ୍କ କଥା ଜାଣିବାକୁ ପାଠକଟିଏ ଆଗ୍ରହର ସହିତ ଅପେକ୍ଷା କରେ ।"[୬]
- ପ୍ରସିଦ୍ଧ ଇଂରାଜୀ ସମ୍ପାଦକ ଲର୍ଡ ନର୍ଥକ୍ଲିପ ସମ୍ବାଦ ବିଷୟରେ କୁହନ୍ତି– ସମ୍ବାଦକୁ କେହି ମୁଦ୍ରଣ କରିବାକୁ ଚାହୁନାହାନ୍ତି, ଦମନ କରିବାକୁ ଚାହାଁନ୍ତି । ବାକି ସବୁ ବିଜ୍ଞାପନ ।[୭]

- ଯୁକ୍ତରାଷ୍ଟ୍ର ଆମେରିକାର ବିଶିଷ୍ଟ ସାମ୍ବାଦିକ ଜନ୍. ଏସ୍. ନାଇଟ୍‌ଙ୍କ ମତରେ – ସତ୍ୟ ପ୍ରାପ୍ତକର ଓ ଏହାକୁ ମୁଦ୍ରଣ କର ।(୮)
- ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ସମ୍ବାଦର ଅର୍ଥ ହେଉଛି ଖବର ଓ ସମାଚାର । ଲୋକ ମୁଖରେ ପ୍ରଚାରିତ ସମାଚାର ।(୯)
- ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ସାମ୍ବାଦିକତାର ପ୍ରଫେସର ଚିଲଟନ୍ ଆର୍. ବୁଶ୍‌ଙ୍କ ମତରେ ସମ୍ବାଦ ହେଉଛି ଏକ ଘଟଣାର ରିପୋର୍ଟ ଯାହା ପାଠକେ ପଢ଼ିପାରିବେ ଓ ବୁଝିପାରିବେ ।(୧୦)
- ଭାରତୀୟ ଜନସଂଞ୍ଚାର ସଂସ୍ଥାନର ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀଙ୍କ ମତରେ- ଯେ କୌଣସି ଘଟଣା, ବିଷୟ, ତଥ୍ୟ, ମତାମତ ଇତ୍ୟାଦିର ସମୟ ମୁତାବକ ବର୍ଣ୍ଣନା ଯାହା ବହୁ ଲୋକଙ୍କୁ ଆଗ୍ରହୀ କରିପାରୁଥିବ ତାକୁ ଖବର କହିହେବ ।(୧୧)

ଏଣୁ ମୋଟାମୋଟି ଭାବରେ ସମ୍ବାଦ ହେଲା, ଯାହା ପାଠକର ଜିଜ୍ଞାସାକୁ ଉଜ୍ଜୀବିତ କରେ, ଅନୁସନ୍ଧିତ୍ସା ମନୋଭାବକୁ ପ୍ରଭାବିତ କରେ, କୌତୁହଳୀ କରିପାରେ, ସର୍ବୋପରି ଯାହା ପାଠକ ନିମନ୍ତେ ଅତ୍ୟାବଶ୍ୟକ, ତାହା ସମ୍ବାଦ ପଦବାଚ୍ୟ । ଏହା ସିଧାସଳଖ ପାଠକମାନଙ୍କୁ ପ୍ରଭାବିତ କରେ । ଲୋକଙ୍କୁ ହସାଇ ଓ କନ୍ଦାଇ ପାରେ ମଧ୍ୟ ।

ସମ୍ବାଦ ପ୍ରଭାବଶାଳୀ । ବହୁଲୋକଙ୍କୁ ଆକୃଷ୍ଟ କରିବା ସହ ପ୍ରତ୍ୟହ ନୂଆ ନୂଆ ଖବରମାନ ସଂଯୋଜିତ କରେ । ପାଠକ ରୁଚି ରଖୁଥିବା ବିଷୟ ବା ଘଟଣା ସମ୍ବାଦ ପରିସର ମଧ୍ୟରେ ପ୍ରତ୍ୟହ ଆତଯାତ ହୁଅନ୍ତି । ସମୟେ ସମୟେ କିନ୍ତୁ କେଉଁ ଖବର ଗଣମାଧ୍ୟମରେ ପ୍ରକାଶ ପାଇବ ତାହା ନିରୂପଣ କରିବା କଷ୍ଟକର ହୋଇପଡ଼େ । ଯେଉଁ ଘଟଣା ବିଷୟରେ ପାଠକ ଅଜ୍ଞ ସେଇ ଘଟଣା ସମ୍ବାଦଦାତା ପାଠକଲୋଚନକୁ ଆଣି ସମ୍ବାଦ ମାଧ୍ୟମରେ ପରିବେଷଣ କରିଥାଏ । ସମ୍ବାଦ ଅତୀତ ନୁହେଁ । ବର୍ତ୍ତମାନ ସର୍ବସ୍ୱ । ଅତୀତର ଘଟଣାବଳୀ ଇତିହାସ ନାମରେ ନାମିତ । ଆଜି ଯାହା ସମ୍ବାଦ କାଲି ତାହା ଆମ ପାଇଁ ଅତୀତ । ଅତୀତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ । ଉଦାହରଣ- ନଗଡ଼ା ପ୍ରସଙ୍ଗ । ନଗଡ଼ା ତତ୍କାଳୀନ ସମୟରେ ସଂବାଦ ଥିଲା । ମାତ୍ର ଏବେ ଇତିହାସ । ସମ୍ବାଦ ସତ୍ୟ ଘଟଣା ଉପରେ ପର୍ଯ୍ୟବେସିତ । ଏହା ପ୍ରିୟ ବା ଅପ୍ରିୟ ହୋଇପାରେ । ମାତ୍ର ସତ୍ୟ । ଅସତ୍ୟ କଥା ସମ୍ବାଦ ପାଇଁ ହାନିକାରକ । ପତ୍ରପତ୍ରିକାରେ ଯେକୌଣସି ବିଷୟକୁ ଆମେ ସମ୍ବାଦ ବୋଲି କହିପାରିବା ନାହିଁ । ସେଥିରେ ପ୍ରକାଶିତ ପିଲା ହଜିଯିବା, ବିବାହ ବାର୍ଷିକୀ, ଜନ୍ମଦିନ ତଥା ଶ୍ରାଦ୍ଧବାର୍ଷିକୀ ଇତ୍ୟାଦିକୁ ସମ୍ବାଦ କହିବାକୁ କୁଣ୍ଠା ବ୍ୟକ୍ତ କରାଯାଇପାରେ । କିନ୍ତୁ କୌଣସି ପ୍ରଭାବଶାଳୀ ପ୍ରତିଷ୍ଠିତ ବ୍ୟକ୍ତି, ମହାପୁରୁଷ ଓ ଲେଖକ ଲେଖିକାଙ୍କ କ୍ଷେତ୍ରରେ ଏହା ସମ୍ବାଦର ଗୁରୁତ୍ୱ ବହନ କରେ ।

ସମ୍ବାଦର ସଂଜ୍ଞା ବିବିଧ । ଏହା ମଧ୍ୟ ସମ୍ବାଦର ପ୍ରାରୂପ ନିର୍ଣ୍ଣୟକାରୀ । ସମ୍ବାଦ ସହିତ ପାଠକର ଏକ ନିବିଡ଼ ଯୋଡ଼ଣ ରହିଛି । ପାଠକ ସଂଖ୍ୟା, ପାଠକମାନଙ୍କ ଆଗ୍ରହର ବିଷୟ, ପାଠକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥା, କେତେ ସମୟ ବ୍ୟବଧାନରେ ଖବର ପାଠକ ପାଖରେ ପହଞ୍ଚୁଛି, ଏସବୁ ସହିତ ସମ୍ବାଦ ଜଡ଼ିତ । ସମ୍ବାଦର ପରିସରରେ ଖବରକାଗଜ ଏକ ମୁଦ୍ରିତ ଗଣମାଧ୍ୟମ । ଏହା ବ୍ୟତୀତ ଖବର ଜାଣିବା ପାଇଁ ରେଡିଓ, ଟିଭି, ଇଣ୍ଟରନେଟ୍, ଫେସ୍‌ବୁକ୍, ଟୁଇଟର, ଟେଲିଗ୍ରାମ, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍‌ଅପ୍‌ଭଳି ସାମାଜିକ ଗଣମାଧ୍ୟମ ମଧ୍ୟ ବେଶ୍ ଲୋକପ୍ରିୟ ।

ସମ୍ବାଦ ସଦାସର୍ବଦା ନୂତନତ୍ୱକୁ ଅଗ୍ରାଧିକାର ଦିଏ । ସାମ୍ପ୍ରତିକ ଘଟଣା ହିଁ ସମ୍ବାଦପତ୍ରରେ ଗୁରୁତ୍ୱପାଏ । ତଥାପି କେତେକ ସମ୍ବାଦ କିଛିଦିନ ପାଇଁ ସମ୍ବାଦପତ୍ର ପରିସରକୁ ଆସିଥାଏ । ଉଦାହରଣ-ରାଜ୍ୟରେ ସରକାର ଭାଙ୍ଗିଗଲେ, ନୂଆ ସରକାର ଗଠନ ହେବାପର୍ଯ୍ୟନ୍ତ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁହୁଏ । ନୂଆ ସରକାର ଆସିବା ପର୍ଯ୍ୟନ୍ତ ଏହା ପ୍ରତ୍ୟହ ରାଜନୀତିକ ଖବର ଭାବରେ ପ୍ରକାଶ ପାଇଥାଏ । ଏତଦ୍ ବ୍ୟତୀତ କୌଣସି ସ୍ଥାନରେ ହତ୍ୟା ବା ଧର୍ଷଣ ହେଲେ ସେ ସମ୍ବାଦ ଦୋଷୀକୁ ନଧରିବା ଯାଏ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଥାଏ ।ଯେପରିକି ଇତିଶ୍ରୀ ହତ୍ୟାକାଣ୍ଡ ବର୍ଷବର୍ଷ ଧରି ଚାଲିଥିଲା ।

**ପ୍ରାନ୍ତଟୀକା-**


- The Random House Dictionary of The English Language, P-527.
- The Oxford Dictionary, P-478.
- Bradley Duane: The Newspaper. 1st Edition 1968. Sterling, Delhi. P-12.
- Catledge Turner: My Life and The Times. 1st Edition- 1963. Harper and Row Publishers, New Yeark, Evanston. P-26.
- Bradley Duane: The Newspaper. P-12.
- Fidler Roger: Media Morphosis, Understanding New Media. Pine Forge Press, London. P-16.

https://www.thenewsmanual.net/Resources/what_is_news_00.htm

https://knightfoundation.org/features/jskpulitzer/

- ପ୍ରହରାଜ ଗୋପାଳ ଚନ୍ଦ୍ର: ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ପୃ-୮୨୩୨ ।

https://www.thenewsmanual.net/Resources/what_is_news_00.htm

- ଚାଟାର୍ଜୀ ମୃଣାଳ: ଗଣମାଧ୍ୟମ ଓ ସାମ୍ବାଦିକତା । ୩ୟ ସଂସ୍କରଣ-୨୦୧୭ । ଶୈଳୀ କମ୍ୟୁନିକେସନ୍ସ, ସଂଚାର ମାର୍ଗ, ଢେଙ୍କାନାଳ-୧, ପୃ-୨୩



*ଗବେଷକ, ଓଡ଼ିଆ ବିଭାଗ*

*ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ*